# କୃଷକ କ୍ଷେତ୍ର ବିଦ୍ୟାଳୟ - FARM SCHOOL

ସାମ୍ପ୍ରତିକ ପରିସ୍ଥିତିରେ ବିଶେଷକରି କୃଷି ଓ କୃଷକର ସଶକ୍ତୀକରଣ ଦିଗରେ ଅଧିକ ଗୁରୁତ୍ୱ ଦିଆଯାଉଛି । କୃଷି କାର୍ଯ୍ୟ ସହିତ କୃଷକ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ରହୁଥିବାରୁ ଲକ୍ଷ୍ୟ ହାସଲ ନିମନ୍ତେ ବିଭିନ୍ନ କୃଷି ଶିକ୍ଷା, ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି, ନେତୃତ୍ୱ ବିକାଶ ଏବଂ ଉପଯୁକ୍ତ ଲବଧଜ୍ଞାନ କୌଶଳ ପ୍ରଭୃତି କ୍ଷେତ୍ରରେ କୃଷି ବୈଷୟିକ ପରାମର୍ଶ କେନ୍ଦ୍ର ଓ କୃଷିଭିତ୍ତିକ କାର୍ଯ୍ୟକ୍ରମରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ସ୍ୱେଚ୍ଛାସେବୀ ସଙ୍ଗଠନର ଦାୟିତ୍ୱ ଏବଂ ଭୂମିକା ଅତୁଳନୀୟ । କୃଷି କାର୍ଯ୍ୟରେ ଅଧିକ ଅନୁପାତରେ ମହିଳାଙ୍କ ଯୋଗଦାନ ତଥା ଅନ୍ତର୍ଭୁକ୍ତ ରହୁଥିବାରୁ କୃଷିଜୀବୀ ମହିଳାମାନଙ୍କୁ ସଶକ୍ତୀକରଣ ଏବଂ ତା ସହିତ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ କିପରି ଶିକ୍ଷିତ ବେକାର ଯୁବକ ଯୁବତୀମାନେ ଅଧିକ ସକ୍ରିୟ ହୋଇ ବିକାଶ ମୂଳକ ପ୍ରୟାସ କ୍ଷେତ୍ରରେ ସହାୟକ ହେବେ ସେଥିପ୍ରତି ଦୃଷ୍ଟି ଦିଆଯାଉଛି । ତଥାପି କେତେଗୁଡ଼ିଏ ବ୍ୟକ୍ତିଗତ ସମସ୍ୟା ଓ ସମୟ ଜନିତ ଅଭାବ ହେତୁ ଚାଷର ଉନ୍ନତ ଜ୍ଞାନ କୌଶଳ ହାସଲ କରିବା ଦିଗରେ ଆଂଶିକ ସଫଳ ହୋଇଥାନ୍ତି । ଏସବୁ ବିଶେଷ ଅସୁବିଧା ଦୂର କରିବାପାଇଁ ସରକାରଙ୍କ ଅଭିନବ ତଥା ମହତ୍ତ୍ୱପୂର୍ଣ୍ଣ ପ୍ରୟାସ ହେଉଛି **"କୃଷକ କ୍ଷେତ୍ର ବିଦ୍ୟାଳୟ" ଅଥବା ଫାର୍ମ ସ୍କୁଲ ।**

## (୧) କୃଷକ କ୍ଷେତ୍ର ବିଦ୍ୟାଳୟ କ'ଣ ?

କୃଷକ କ୍ଷେତ୍ର ବିଦ୍ୟାଳୟ କହିଲେ କୌଣସି ଗାଁ ବା ପଞ୍ଚାୟତର ବିଦ୍ୟାଳୟକୁ ବୁଝାଇନଥାଏ । କିମ୍ବା ସ୍କୁଲ ପରି ଏହାର କୌଣସି କାନ୍ଥ, ଛାତ, ଉପକରଣ ମଧ୍ୟ ନଥାଏ । ଚାଷୀ ଭାଇମାନେ ଚାଷର ଉନ୍ନତି ତଥା ଲବ୍ଧ ଜ୍ଞାନ କୌଶଳ ଉପରେ ଆଲୋଚନା ଆଣୁଥିବାରୁ, ଚାଷୀ ଭାଇମାନେ ସେମାନଙ୍କର ସୁବିଧା ଅନୁସାରେ ଗାଁ ଚଉପାଠୀ, ଫସଲ କ୍ଷେତର ଛାଇ ତଳେ ଭାଗବତ ଟୁଙ୍ଗୀ ଠାରେ କୃଷି ଶିକ୍ଷା କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି । ପ୍ରତ୍ୟେକ କୃଷିଜନିତ ବିଷୟ ଉପରେ ଆଧାରିତ ବିଷୟବସ୍ତୁ ଗୁଡ଼ିକ ଯେମିତିକି, ସମନ୍ୱିତ ରୋଗ ପରିଚାଳନା, ଜୈବିକ ଚାଷ, ସାର ପରିଚାଳନା, ମୃତ୍ତିକା ସଂରକ୍ଷଣ, ପଶୁପାଳନ, ଜଳ ସଂରକ୍ଷଣ ଠାରୁ ଆରମ୍ଭକରି ଫସଲ ଉତ୍ପାଦନ, ଅମଳ ତଥା ଜୈବ ବିବିଧତା ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥାଏ ।

## (୨) କୃଷକ କ୍ଷେତ୍ର ବିଦ୍ୟାଳୟର ଆବଶ୍ୟକତା

କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟା ସହିତ ସୀମିତ ଜମିରୁ ଅଧିକ ଅମଳ ପାଇବାକୁ ହେଲେ କୃଷି ଓ ଆନୁସଂଗିକ କ୍ଷେତ୍ରରେ ବିଜ୍ଞାନ ସମ୍ମତ ବୈଷୟିକ ଜ୍ଞାନ କୌଶଳ ଗ୍ରହଣ କରିବାକୁ ପଡ଼ିବ । ଉପରୋକ୍ତ ଲକ୍ଷ୍ୟ ହାସଲ ନିମନ୍ତେ ସଂପ୍ରସାରଣ ଅଧିକାରୀ ଉପରେ ନିର୍ଭର କରିବା ସହିତ ସେମାନଙ୍କର ପ୍ରତ୍ୟେକ ଉକ୍ତିକୁ ସବିଶେଷ ଭାବେ ଗ୍ରହଣ କରିବା ଉଚିତ୍ । କୃଷକ କ୍ଷେତ୍ର ବିଦ୍ୟାଳୟ ଏକ ପାରସ୍ପାରିକ ତଥା ସହଭାଗିତା ମଧ୍ୟରେ ଜ୍ଞାନ ଓ କୌଶଳର ପ୍ରସାର ଯାହାକି ଚାଷୀ ଭାଇଙ୍କ ସକ୍ରିୟ ଅଂଶ ଉପରେ ନିର୍ଭର କରିଥାଏ । ଚାଷୀ ଭାଇଙ୍କ ନିଜସ୍ୱ ମତାମତ, ପରୀକ୍ଷଣ, ଆତ୍ମବିଶ୍ୱାସ, ଦକ୍ଷତା ତଥା ନେତୃତ୍ୱର ଆବଶ୍ୟକତା ଥିବାରୁ କୃଷକ କ୍ଷେତ୍ର ବିଦ୍ୟାଳୟର ଆବଶ୍ୟକତା ନିତ୍ୟାନ୍ତ ଜରୁରୀ ।

## (୩) କୃଷକ କ୍ଷେତ୍ର ବିଦ୍ୟାଳୟର ଗଠନ ଶୈଳୀ

ବିଭିନ୍ନ କୃଷି ଯୋଜନା ଆନୁକୂଲ୍ୟରେ କୃଷକ କ୍ଷେତ୍ର ବିଦ୍ୟାଳୟ ଗଠନ କରାଯାଇଥାଏ । କୃଷକ କ୍ଷେତ୍ର ବିଦ୍ୟାଳୟର ପ୍ରତ୍ୟେକ ଆଲୋଚନା ଫଳପ୍ରଦହେବା ଦିଗରେ ଅଭିଜ୍ଞ କୃଷି ଅଧିକାରୀ ତଥା କୃଷି କ୍ଷେତ୍ରରେ ପୁରସ୍କୃତ ତଥା ପ୍ରଶଂସା ପତ୍ର ପାଇଥିବା ଅଭିଜ୍ଞ ଚାଷୀ ଯେ କି ନିସ୍ୱାର୍ଥପର ଭାବେ ଲବ୍ଧଜ୍ଞାନ କୌଶଳକୁ ଉନ୍ନତି କୃଷି ପ୍ରଣାଳୀ ଅନୁସରଣ କରିବାପାଇଁ ପ୍ରବର୍ତ୍ତାଇ ପାରୁଥିବେ । ଅଲୋଚନାକୁ ଅଧିକରୁ ଅଧିକରେ ଫଳପ୍ରଦପାଇଁ ଦୁଇ ତୃତୀୟାଂଶ ଗରିବ, ନାମକୁ ମାତ୍ର ଚାଷୀ ରହିବା ସହିତ ଏକ ତୃତୀୟାଂଶ ମହିଳା ସଂପୃକ୍ତି ରହିବା ଭଲ । କାର୍ଯ୍ୟକ୍ରମକୁ ନିୟମିତ କରିବା ଦିଗରେ ବିଭିନ୍ନ ସରକାରୀ ଓ ସ୍ୱେଚ୍ଛାସେବୀ ସଂଗଠନ ସହିତ ଯୋଗସୂତ୍ର ରକ୍ଷା ନିତ୍ୟାନ୍ତ ଜରୁରୀ ଅଟେ । ସବୁଦିନିଆ କ୍ଷେତ୍ରରେ ଏହି କାର୍ଯ୍ୟକୁ ଦୃଢ଼ୀଭୂତ କରିବାକୁ ହେଲେ ଏକ ଅଧିନିୟମ ପ୍ରସ୍ତୁତି କରି ପଞ୍ଜିକୃତ କରିବା ସହିତ କୃଷକ କ୍ଷେତ୍ର ବିଦ୍ୟାଳୟର ସଦସ୍ୟମାନେ ସଞ୍ଚୟ ଓ ଋଣ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଆଗେଇପାରିବେ ।

**(୪) କୃଷକ କ୍ଷେତ୍ର ବିଦ୍ୟାଳୟର ପଦ୍ଧତି:**

ଫସଲର ଅବଧି, ଜଳ ବାୟୁ, ରୋଗ ପୋକ, କ୍ଷେତ ପ୍ରସ୍ତୁତି ଘାସ ନିୟନ୍ତ୍ରଣ, ଜଳ ପରିଚାଳନା ପ୍ରଭୃତିକୁ ଆଧାରକରି ପ୍ରତ୍ୟେକ ସପ୍ତାହରେ ଥରେ ୪ ରୁ ୫ ଘଣ୍ଟା କୃଷି ଶିକ୍ଷା ଦିଆଯାଇଥାଏ । ଯାହାକି ପରବର୍ତ୍ତୀ ସମୟରେ କୃଷି ଭାଇମାନେ ଏହା ଦୃଢ଼ତାର ସହ ଗ୍ରହଣ କରିବା ସହିତ ନିଜର ଆତ୍ମ ବିଶ୍ୱାସ ବଢ଼ାଇଥାନ୍ତି । ଏହା ଏକ ଔପଚାରିକ ଶିକ୍ଷା କାର୍ଯ୍ୟକ୍ରମ ହୋଇଥିବାରୁ ଚାଷୀଭାଇ ମାନଙ୍କ ଭିତରେ ଦକ୍ଷତା, ଜ୍ଞାନ ଓ ଅନୁଭୂତି ସୁଦୃଢ଼ ହୋଇଥାଏ । ଚାଷୀ ଭାଇଠାରୁ ଅନ୍ୟ ଚାଷୀଭାଇମାନଙ୍କ ମଧ୍ୟରେ ଏହା ଏକ ଜ୍ଞାନ ସମ୍ପର୍କରେ ସେତୁ ବାନ୍ଧିବାରେ ସହାୟକ ହୋଇଥାଏ । କୃଷି କ୍ଷେତ୍ରରେ ଆଗୁଆ ଚାଷୀଭାଇ ମାନଙ୍କର ସଫଳ କାହାଣୀ ଏହି କୃଷକ କ୍ଷେତ୍ର ବିଦ୍ୟାଳୟ ମାଧ୍ୟମରେ ପ୍ରତିଫଳିତ ହେବାଦ୍ୱାରା ପଛୁଆ ଚାଷୀମାନେ ମଧ୍ୟ ଏହାକୁ ଅନୁସରଣ କରି ସଫଳ ହେବାର ଦୃଷ୍ଟାନ୍ତ ମଧ୍ୟ ରହିଛି । ବିଦ୍ୟାଳୟର ପରବର୍ତ୍ତୀ ବୈଠକରେ କଣ କଣ କାର୍ଯ୍ୟକ୍ରମ ଓ କେଉଁ ବିଷୟରେ ଆଲୋଚନା କରାଯିବ ସମ୍ୟକ ସୂଚନା ଦିଆଯାଇଥାଏ । ବାର୍ଷିକ ଚାଷ କାର୍ଯ୍ୟକୁ ଅନୁମୋଦନ କରିବା, କୃଷିଯୋଜନାର ଆୟବ୍ୟୟ ଅଟକଳ ପ୍ରସ୍ତୁତି କୃଷି ଆନୁସଂଗିକ କାର୍ଯ୍ୟକ୍ରମର ଖସଡ଼ା ପ୍ରଭୃତି କୃଷକ କ୍ଷେତ୍ର ବିଦ୍ୟାଳୟ ମାଧ୍ୟମରେ ସ୍ଥିରୀକୃତ ହୋଇଥାଏ ।

**(୫) କୃଷକ କ୍ଷେତ୍ର ବିଦ୍ୟାଳୟର ମୂଳ ଉଦ୍ଦେଶ୍ୟ:**

(୧) କୃଷକ ଓ କୃଷି ଅନୁଷ୍ଠାନ ଗୁଡ଼ିକ ମଧ୍ୟରେ ଯୋଗସୂତ୍ର ସ୍ଥାପନ ସହିତ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ମଧ୍ୟରେ କୃଷିଶିକ୍ଷା ।

(୨) ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଦେବା ସହିତ ଚାଷୀଭାଇମାନଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ଓ ଉତ୍ସାହ ବଢ଼ାଇବା ।

(୩) କୃଷି ସମ୍ବନ୍ଧୀୟ ଉନ୍ନତଜ୍ଞାନ କୌଶଳ, ସାର, ପୋକମରା ଔଷଧ, ଫସଲ ପରବର୍ତ୍ତୀ ଯନ୍ତ୍ର, ସଂରକ୍ଷଣ ଦିଗରେ ଚାଷୀଭାଇମାନଙ୍କୁ ସାହାଯ୍ୟ ।

(୪) କୃଷି ସଂପ୍ରସାରଣ ଓ ପ୍ରଶିକ୍ଷଣ ମାଧ୍ୟମରେ କୃଷି ଓ କୃଷକର ସଶକ୍ତିକରଣ ।

**(୬) କୃଷକ କ୍ଷେତ୍ର ବିଦ୍ୟାଳୟର ଭବିଷ୍ୟତ:**

ପ୍ରତ୍ୟେକ ଚାଷୀ ଭାଇର ଭବିଷ୍ୟତ ସହିତ କୃଷକ କ୍ଷେତ୍ର ବିଦ୍ୟାଳୟର ଭବିଷ୍ୟତ ଓତଃପ୍ରୋତ ଭାବେ ଜଡ଼ିତ । ଏହି କ୍ଷେତ୍ର ବିଦ୍ୟାଳୟକୁ ସୁଦୃଢ଼ କରିବାକୁ ହେଲେ କେତେଗୁଡ଼ିକ ଦିଗ ପ୍ରତିଧ୍ୟାନ ଦେବାକୁ ପଡ଼ିବ ଯଥା :-

(କ) ଚାଷୀ ଭାଇମାନଙ୍କ ମଧ୍ୟରେ କୃଷି ବ୍ୟବସାୟିକ ପ୍ରତି ବିଶ୍ୱାସ ଜନ୍ମାଇବା ।

(ଖ) ଚାଷୀ ଭାଇର ଆର୍ଥିକ ଓ ସାମାଜିକ ସ୍ଥିତିରେ ସୁଧାର ଆଣିବା ।

(ଗ) ଦକ୍ଷତା ବୃଦ୍ଧି, ନେତୃତ୍ୱ ବିକାଶ, ଅଧିକାର ଓ ପ୍ରାପ୍ୟ ପ୍ରତି ଗୁରୁତ୍ୱ ଦେବା ।

(ଘ) କୃଷି ଓ କୃଷକର ସଶକ୍ତିକରଣ ଦିଗରେ ଦାୟିତ୍ୱ ଓ ଯତ୍ନବାନ ହେବା ।

**କୃଷକ କ୍ଷେତ୍ର ବିଦ୍ୟାଳୟ**
**ବିଷୟରେ ଅଧିକ ଜାଣିବା ପାଇଁ ଆଜି ହିଁ ଯୋଗାଯୋଗ କରନ୍ତୁ**


**ସୋସିଆଲ୍ ଡ଼େଭ୍‌ଲପ୍‌ମେଣ୍ଟ୍ ଫାଉଣ୍ଡେସନ୍**

ବହ୍ଲର ଛକ, ତାଳଚେର, ଅନୁଗୁଳ, ଓଡ଼ିଶା-୭୫୯୧୦୪

ଦୂରଭାଷ: ୯୪୩୭୯୦୪୧୦୮, ୮୯୦୮୪୬୬୦୪୯